**+3 SEM-2 (NEP)**
**ODI-C-1(P-3)**

**APRIL,2025**

# ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ

**Time-3 hrs** **Full Marks-100**

*Answer as per directions. figures in the right-hand margin indicates marks*

**ନଂ.୧. ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଶବ୍ଦ ବା ଗୋଟିଏ ବାକ୍ୟରେ ଲେଖ ।** **(୧x୧୦=୧୦)**

କ) 'ଚର୍ଯ୍ୟା'ର ଅର୍ଥ କ'ଣ ?

ଖ) 'ବୌଦ୍ଧଗାନ ଓ ଦୋହା'କୁ କିଏ 'ଆଶ୍ଚର୍ଯ୍ୟଚର୍ଯ୍ୟାଚୟ' ବୋଲି ନାମକରଣ କରିଥିଲେ ?

ଗ) 'କାଆ ତରୁବର ପଞ୍ଚବିଡ଼ାଳ, ଚଞ୍ଚଳ ଚିଅ ପଇଠା କାଳ ।' – ଏହା କେଉଁ ସିଦ୍ଧାଚର୍ଯ୍ୟାଙ୍କ ରଚନା ?

ଘ) ନାଥ ସମ୍ପ୍ରଦାୟର ଆଦିଗୁରୁଙ୍କ ନାମ କ'ଣ ?

ଙ) 'ଚଣ୍ଡୀ ପୁରାଣ'ର ଅନ୍ୟ ନାମ ଲେଖ ?

ଚ) ଜତୁଗୃହ ଦହନ ପୂର୍ବରୁ କୁନ୍ତି କାହା ସହିତ ମିତ୍ରତା ସ୍ଥାପନ କରିଥିଲେ ?

ଛ) 'ବାବନାଭୂତ' ଉପାଖ୍ୟାନ ସାରଳା ମହାଭାରତର କେଉଁ ପର୍ବରେ ବର୍ଣ୍ଣିତ ?

ଜ) 'ଭାବ ସମୁଦ୍ର' କାହାର କୃତି ? ଏହାର ପଦ ସଂଖ୍ୟା କେତେ ?

ଝ) ଜଗନ୍ନାଥ ଦାସଙ୍କୁ କିଏ 'ଅତିବଡ଼ୀ' ଉପାଧି ପ୍ରଦାନ କରିଥିଲେ ?

ଞ) ଶିଶୁ ଅନନ୍ତ ଦାସ କେଉଁ ସମ୍ପ୍ରଦାୟର ପ୍ରତିଷ୍ଠାତା ?

**ନଂ.୨. ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ପ୍ରଦାନ କର ।** **(୨x୯=୧୮)**

କ) 'ବୌଦ୍ଧଗାନ ଓ ଦୋହ'ର ପୋଥି କିଏ କେଉଁଠାରୁ ସଂଗ୍ରହ କରିଥିଲେ ?

ଖ) କେଉଁ ସିଦ୍ଧାଚର୍ଯ୍ୟାମାନେ ଓଡ଼ିଶାବାସୀ ଓ ଓଡ଼ିଆ ଭାଷୀ ଥିଲେ ?

ଗ) ସାରଳା ଦାସ ସଂସ୍କୃତ ମହାଭାରତର କେଉଁ ପର୍ବ ଦୁଇଟିର ନାମକୁ ସଂପୂର୍ଣ୍ଣ ପରିହାର କରିଛନ୍ତି ?

ଘ) 'ଜରାସନ୍ଧ ବଧ' ସାରଳା ମହାଭାରତର କେଉଁ ପର୍ବରେ ବର୍ଣ୍ଣିତ ? ଏହା ବ୍ୟାସଙ୍କ ମହାଭାରତରେ ବର୍ଣ୍ଣିତ କି ?

ଙ) ଉତ୍କଳର ବାଲ୍ମୀକି କାହାକୁ କୁହାଯାଏ ? ସେ କେଉଁ ପ୍ରସିଦ୍ଧ ଗ୍ରନ୍ଥର ରଚୟିତା ?

ଚ) 'ଅର୍ଥକୋଇଲି' କାହାର ରଚନା ? ଏହା କେଉଁମାନଙ୍କ ଉକ୍ତି-ପ୍ରତ୍ୟୁକ୍ତି ଛଳରେ ରଚିତ ?

ଛ) 'ନିତ୍ୟରାସ' ଗ୍ରନ୍ଥଟିର କବି କିଏ ? ଏହା କେତୋଟି ଅଧ୍ୟାୟରେ ବିଭକ୍ତ ?

ଜ) "ଗୁରୁ ବଚନ ବାବୁ ପାଷାଣର ଗାର, ଗୁରୁଙ୍କୁ ହିଁ ସେବା କଲେ ଯମଦଣ୍ଡୁ ପାର ।" – ଏହା କେଉଁ ଗ୍ରନ୍ଥର ଉକ୍ତି ଏବଂ ଏହା କିଏ କାହାକୁ କହିଛନ୍ତି ?

ଝ) ସିଦ୍ଧ ଯଶୋବନ୍ତ ଦାସଙ୍କ ତିରୋଧାନ ଦିବସ କେବେ ପାଳିତ ହୁଏ ? ସେହି ଦିନ ଯେଉଁ ମେଳା ଅନୁଷ୍ଠିତ ହୁଏ ତାର ନାମ କ'ଣ ?

**ନଂ.୩. ଯେକୌଣସି ଆଠଟି ପ୍ରଶ୍ନର ଉତ୍ତର ୨୫୦ଟି ଶବ୍ଦ ମଧ୍ୟରେ ଲେଖିବା ଆବଶ୍ୟକ ।** **(୫x୮=୪୦)**

କ) ଚର୍ଯ୍ୟାଗୀତିକାର ନାମକରଣ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।

ଖ) ଗୋରେଖ ନାଥଙ୍କ ସମ୍ପର୍କରେ ଏକ ଟିପ୍ପଣୀ ପ୍ରସ୍ତୁତ କର ।

ଗ) ସାରଳା ମହାଭାରତରେ ଥିବା କେତୋଟି ଲୋକପ୍ରିୟ ପ୍ରବଚନର ଦୃଷ୍ଟାନ୍ତ ଦିଅ ।

ଘ) 'ମନ ଜାଣେ ପାପ, ମାଆ ଜାଣେ ବାପ' – ସପ୍ରସଙ୍ଗ ଆଲୋଚନା କର ।

ଙ) 'ବିଲଙ୍କା ରାମାୟଣ'ର ବୈଶିଷ୍ଟ୍ୟ ନିରୂପଣ କର ।

ଚ) ପଞ୍ଚସଖା ଯୁଗର ଧାର୍ମିକ ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କର ।

ଛ) ଓଡ଼ିଆ ଭାଗବତର ମୌଳିକତା ଦର୍ଶାଅ ।

ଜ) 'ଭାବ ସମୁଦ୍ର' ଗ୍ରନ୍ଥ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କର ।

ଝ) 'ହେତୁଉଦୟ ଭାଗବତ'ର ତାତ୍ତ୍ୱିକ ଆଲୋଚନା କର ।

ଞ) ଓଡ଼ିଆ ମାଳିକା ସାହିତ୍ୟକୁ ଅଚ୍ୟୁତାନନ୍ଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କର ।

**ନଂ.୪. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦ ମଧ୍ୟରେ ଲେଖ ।** **(୮x୪=୩୨)**

କ) 'ଚର୍ଯ୍ୟାଗୀତିକା ହେଉଛି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନ ନିଦର୍ଶନ' – ଉକ୍ତିଟିର ଯଥାର୍ଥ୍ୟ ପ୍ରତିପାଦନ କର ।

ଖ) ସାରଳା ସାହିତ୍ୟରେ ତତ୍କାଳୀନ ସାମାଜିକ ଚିତ୍ର କିପରି ପ୍ରତିଫଳିତ ହୋଇଅଛି ଆଲୋଚନା କର ।

ଗ) ଜଗନ୍ନାଥ ଦାସକୃତ 'ଭାଗବତ'ର ସାହିତ୍ୟିକ ମୂଲ୍ୟ ନିରୂପଣ କର ।

ଘ) "ବଳରାମ ଦାସଙ୍କ ଏକ ସଫଳ ସୃଷ୍ଟି ହେଉଛି 'ଲକ୍ଷ୍ମୀପୁରାଣ'"– ଉକ୍ତିଟିର ସତ୍ୟତା ବିଚାର କର ।

ଙ) ଅଚ୍ୟୁତାନନ୍ଦଙ୍କ ଭବିଷ୍ୟତ ମାଳିକାମାନଙ୍କରେ ସିଦ୍ଧ ଅଚ୍ୟୁତଙ୍କର ବଚନସିଦ୍ଧତାର ପ୍ରମାଣ ସଦୃଷ୍ଟାନ୍ତ ଆଲୋଚନା କର ।

–୦–

**+3 Sem-II(NEP)**
**ODI-C-1(P-IV)**

**April,2025**

(ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଇତିହାସ) **Major**

**ସମୟ : ୩ ଘଣ୍ଟା** **ପୂର୍ଣ୍ଣ ସଂଖ୍ୟା : ୧୦୦**

**(ନିର୍ଦ୍ଦେଶାନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।)**

'କ' ବିଭାଗ

୧। ଠିକ୍ ଉତ୍ତରଟି ବାଛି ଲେଖ । **(୧×୧୦)**

କ) ବିଶିଷ୍ଟ ପଦମାନଙ୍କର ଯଥାସ୍ଥାନରେ ପ୍ରୟୋଗ ହେଉଛି ------------।

(i) ରସ (ii). ରୀତି (iii) ଗୁଣ (iv) ଧ୍ୱନି

ଖ) ନିମ୍ନୋକ୍ତ ମଧ୍ୟରୁ କିଏ ମଧ୍ୟଯୁଗୀୟ କବି ନୁହଁନ୍ତି ?

(i) ଦୀନକୃଷ୍ଣ ଦାସ (ii) ଅଭିମନ୍ୟୁ ସାମନ୍ତସିଂହାର (iii) କବିସୂର୍ଯ୍ୟ ବଳଦେବ ରଥ (iv) ବତ୍ସା ଦାସ

ଗ) 'ସୁଭଦ୍ରା ପରିଣୟ' ଏକ ------------ କାବ୍ୟ।

(i) କାଳ୍ପନିକ (ii) ପୌରାଣିକ (iii) ଐତିହାସିକ (iv) ଜନଶ୍ରୁତିମୂଳକ

ଘ) କେଉଁ ଆଦ୍ୟ ଅକ୍ଷର ନିୟମରେ 'ରସକଲ୍ଲୋଳ' କାବ୍ୟଟି ରଚିତ ?

(i) ର (ii) ବ (iii) ସ (iv) କ

ଙ) ରସମାନଙ୍କ ମଧ୍ୟରେ --------------- ରସରାଜ ଭାବେ ପରିଚିତ।

(i) କରୁଣ ରସ (ii) ବାତ୍ସଲ୍ୟ ରସ (iii) ଶୃଙ୍ଗାର ରସ (iv) ବୀର ରସ

ଚ) ଭରତ ମୁନିଙ୍କ 'ନାଟ୍ୟଶାସ୍ତ୍ର' ଅନୁସାରେ ରସର ସଂଖ୍ୟା -------------।

(i) ୫ (ii) ୬ (iii) ୭ (iv) ୮

ଛ) ରୀତିଯୁଗର କବିମାନଙ୍କୁ 'ଆଳଙ୍କାରିକ' କବି ବୋଲି କୁହାଯାଏ। ( ଠିକ୍ ନା ଭୁଲ୍)

ଜ) 'ଅପ୍ରାକୃତ ପ୍ରେମ ମୂର୍ତ୍ତି ଜୟ ରାଧାହରି/ ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କର ଅବତରି ।' ଏହା କେଉଁ କାବ୍ୟର ପଙ୍କ୍ତି?

(i) ବୈଦେହୀଶ ବିଳାସ (ii) ବିଦଗ୍ଧ ଚିନ୍ତାମଣି (iii) ରସ-କଲ୍ଲୋଳ (iv) କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ

ଝ) 'ସର୍ପ ଜଣାଣ' କବିତାରେ କବି କାହାକୁ ସର୍ପ ସହିତ ତୁଳନା କରିଛନ୍ତି ?

(i) ଦୁର୍ଗାଙ୍କୁ (ii) ସରସ୍ୱତୀଙ୍କୁ (iii) ମହାଦେବଙ୍କୁ (iv) ଜଗନ୍ନାଥଙ୍କୁ

ଞ) 'ଚତୁର ବିନୋଦ'ର ରଚୟିତା କିଏ ?

(i) ବ୍ରଜନାଥ ରଥ (ii) ବ୍ରଜନାଥ ବଡ଼ଜେନା (iii) ଉପେନ୍ଦ୍ର ଭଞ୍ଜ (iv) ଦୀନକୃଷ୍ଣ ଦାସ

**'ଖ' ବିଭାଗ**

୨। ସଂକ୍ଷେପରେ ଉତ୍ତର ଲେଖ। (୫୦ଟି ଶବ୍ଦ ମଧ୍ୟରେ) **(୨×୯)**

କ) ରୀତି ଶବ୍ଦର ଅର୍ଥ ବୁଝାଅ।

ଖ) ରୀତି ସାହିତ୍ୟରେ ଧର୍ମୀୟ ପ୍ରଭାବ କିପରି ପ୍ରତିଫଳିତ ହୋଇଛି ?

ଗ) ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ମଙ୍ଗଳାଚରଣର କିଭଳି ଗୁରୁତ୍ୱ ଥିଲା, ଦର୍ଶାଅ।

ଘ) ବସ୍ତୁ ନିର୍ଦ୍ଦେଶ କହିଲେ କ'ଣ ବୁଝ ?

ଙ) ନାୟିକାର ନଖଶିଖ ବର୍ଣ୍ଣନା କ'ଣ, ବୁଝାଅ।

ଚ) ଶବ୍ଦାଳଙ୍କାର କାହାକୁ କହନ୍ତି ?

ଛ) ଚମ୍ପୂର ସଂଜ୍ଞା ଲେଖ।

ଜ) ଚଉତିଶା କହିଲେ କ'ଣ ବୁଝ ?

ଝ) 'ଚତୁର ବିନୋଦ' ରେ କେଉଁ କେଉଁ ବିନୋଦ କଥା କୁହାଯାଇଛି ?

**'ଗ' ବିଭାଗ**

୩। ୨୫୦ ଶବ୍ଦ ମଧ୍ୟରେ ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ଦିଅ। (୫×୮)

କ) ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ସାମାଜିକ ପୃଷ୍ଠଭୂମି ଆଲୋଚନା କର।

ଖ) ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଧର୍ମୀୟ ପୃଷ୍ଠଭୂମି ଉପରେ ଆଲୋକପାତ କର।

ଗ) ମଧ୍ୟଯୁଗୀୟ ଓଡ଼ିଆ କାବ୍ୟରେ ଛନ୍ଦ ପ୍ରୟୋଗ ବୈଚିତ୍ର୍ୟ ଦର୍ଶାଅ।

ଘ) ରୀତିଯୁଗୀୟ ଓଡ଼ିଆ କାବ୍ୟରେ ବର୍ଣ୍ଣନା ବୈଚିତ୍ର୍ୟ କିପରି ପ୍ରତୀକିତ, ବିଚାର କର।

ଙ) ରୀତିଯୁଗୀୟ ଓଡ଼ିଆ କାବ୍ୟରେ ଶୃଙ୍ଗାରରସର କିପରି ପ୍ରାଧାନ୍ୟ ରହିଛି, ଆଲୋଚନା କର।

ଚ) ସ୍ୱକୀୟା ପ୍ରୀତି ଓ ପରକୀୟା ପ୍ରୀତି ମଧ୍ୟରେ ପ୍ରଭେଦ ଉଦାହରଣ ସହ ବୁଝାଅ।

ଛ) ମଧ୍ୟଯୁଗୀୟ କବିମାନଙ୍କର ଭାବାଦର୍ଶ ଉଲ୍ଲେଖ କର।

ଜ) ଚଉପଦୀର ସଂଜ୍ଞା ଓ ସ୍ୱରୂପ ଦର୍ଶାଅ।

ଝ) ଭଜନ ଓ ଜଣାଣ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି, ସୋଦାହରଣ ବୁଝାଇ ଦିଅ।

ଞ) ମଧ୍ୟଯୁଗୀୟ ଓଡ଼ିଆ ଗଦ୍ୟର ପରିଚୟ ଉଲ୍ଲେଖ କର।

**'ଘ' ବିଭାଗ**

୪। ୮୦୦ ଶବ୍ଦ ମଧ୍ୟରେ ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଦିଅ। (୮×୪)

କ) ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ଉପରେ ଆଲୋକପାତ କର।

ଖ) ମଧ୍ୟଯୁଗୀୟ ଓଡ଼ିଆ କାବ୍ୟର ବିଷୟବିନ୍ୟାସ ଓ ଛନ୍ଦ ଯୋଜନାରୁ କବିମାନଙ୍କ ର କବିତ୍ୱ ବିଚାର କର।

ଗ) ମଧ୍ୟଯୁଗୀୟ ଓଡ଼ିଆ କାବ୍ୟରେ ବିଭିନ୍ନ ରସର ପ୍ରୟୋଗ କିପରି କରାଯାଇଛି, ଦର୍ଶାଅ।

ଘ) ମଧ୍ୟଯୁଗୀୟ ଓଡ଼ିଆ କାବ୍ୟକୁ ଆଧାର କରି କବିମାନଙ୍କର ସୌନ୍ଦର୍ଯ୍ୟଚେତନାର ପରିଚୟ ଦିଅ।

ଙ) ସୋଦାହରଣ ମଧ୍ୟଯୁଗୀୟ ଓଡ଼ିଆ ଗୀତିକାବ୍ୟ ସଂପର୍କରେ ଆଲୋଚନା କର।

------------------------------ ××× ----------------------

**+3 Sem-II(NEP)**
**ODI-C-3(P-I)**

**April,2025**

**ଭାଷାବିଜ୍ଞାନ(Minor)**

**ସମୟ -୩ ଘଣ୍ଟା ପୂର୍ଣ୍ଣସଂଖ୍ୟା- ୧୦୦**

ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ ।

**କ- ବିଭାଗ**

ଠିକ୍ ଉତ୍ତର ଚୟନ କରି ଶୁନ୍ୟସ୍ଥାନ ପୂରଣ କର ଏବଂ ସମସ୍ତ ପ୍ରଶ୍ନର ଉତ୍ତର ଦିଅ । **(୧×୧୦=୧୦)**

୧ କ. ଗ୍ରୀକ୍ ଶବ୍ଦ Lo'gos ର ମୂଳ ଅର୍ଥ ହେଉଛି _________ । (କହିବା , ଚିନ୍ତାଶକ୍ତି, କଥନ କୌଶଳ, ବାକ୍ ଯନ୍ତ୍ର )

ଖ. ହିନ୍ଦୀ ଏକ _______ ଭାଷା ।(ରାଷ୍ଟ୍ର, ରାଜ, ଗୁପ୍ତ, କୃତ୍ରିମ )

ଗ. ଭାରତର ରାଷ୍ଟ୍ରଭାଷା ହେଉଛି______ ।(ହିନ୍ଦୀ, ଇଂରାଜୀ, ସଂସ୍କୃତ, କୌଣସିଟି ନୁହେଁ )

ଘ. ଜର୍ମାନ ପ୍ରଫେସର ହେସ୍ (Heyse) __________ ସିଦ୍ଧାନ୍ତର ପ୍ରବକ୍ତା ।
(ଧାତୁ, ପ୍ରତିବିମ୍ବ, ପ୍ରେମ, ବିବର୍ତ୍ତନ)

ଙ. ସ୍ଲେଗେଲ(Schlegel) ଭାଷା ଉତ୍ପତ୍ତି ସମ୍ବନ୍ଧୀୟ _________ ସିଦ୍ଧାନ୍ତର ପ୍ରବକ୍ତା।
( ଦୈବୀ ସିଦ୍ଧାନ୍ତ, ପ୍ରେମ ସିଦ୍ଧାନ୍ତ, ସମ୍ପର୍କ ସିଦ୍ଧାନ୍ତ, ପ୍ରତିବିମ୍ବ ସିଦ୍ଧାନ୍ତ )

ଚ . ପ୍ରେମ ସିଦ୍ଧାନ୍ତର ପ୍ରବକ୍ତା ହେଉଚନ୍ତି ___________ ।
(ହଡ୍‌ସନ୍, ସ୍ୱୀଟ, ମାକ୍ସମ୍ୟୁଲର, ଜେସ୍‌ପରସନ )

ଛ. 'ଶତମ୍'_______ ଭାଷା ପରିବାରର ଏକ ଶାଖା।
(ଚୀନ-ତୀବତୀୟ, ଭାରତ-ୟୁରୋପୀୟ, ଦ୍ରାବିଡ, କେକେଶୀୟ )

ଜ. ନିମ୍ନ ଭାଷା ମଧ୍ୟରୁ _________ ଭାଷା ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ଅନର୍ଗତ I(ଶତମ୍, କେନ୍ତୁମ, ସେମିଟିକ, ହେମିଟିକ୍)

ଝ. ସରକାରୀ କାର୍ଯ୍ୟ ______ଭାଷାରେ ହୋଇଥାଏ ।( ମାନକ , ଉପଭାଷା, ସ୍ଥାନୀୟ ଭାଷା, ଅପଭାଷା)

ଞ. ସମ୍ବଲପୁରୀ ଭାଷା _________ ଅନ୍ତର୍ଭୁକ୍ତ ଅଟେ ।
(ପୂର୍ବାଞ୍ଚଳୀୟ ଓଡ଼ିଆ ଭାଷା , ପଶ୍ଚିମାଞ୍ଚଳୀୟ ଓଡ଼ିଆ ଭାଷା , ଉତ୍ତରାଞ୍ଚଳୀୟ ଓଡ଼ିଆ ଭାଷା, ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଭାଷା)

**ଖ- ବିଭାଗ**

ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।(୫୦ଟି ଶବ୍ଦରେ) **(୨×୯=୧୮)**

୨. କ. ପ୍ରାଚୀନ ଓ ଆଧୁନିକ ଭାରତୀୟ ଭାଷାବିତମାନଙ୍କ ନାମ ଉଲ୍ଲେଖ କର । ?

ଖ. ରାଷ୍ଟ୍ରଭାଷା କ'ଣ ?

ଗ.. ଦୈବୀ ସିଦ୍ଧାନ୍ତ (Divine Theory)କୁ କାହିଁକି ଗ୍ରହଣ କରାଗଲା ନାହିଁ ?

ଘ. ଶ୍ରମ ଅପନୋଦନ ସିଦ୍ଧାନ୍ତ (Yo-He-Ho Theory) ଅନୁସାରେ ଭାଷା କିପରି ସୃଷ୍ଟି ହୋଇଛି ?

ଙ. ଭାରତ-ୟୁରୋପୀୟ ଭାଷା ପରିବାରର ଦୁଇଟି ଶାଖାର ନାମ ଲେଖ ଏବଂ ପ୍ରତ୍ୟେକ ଶାଖାର ଦୁଇଟି ଲେଖାଏଁ ଭାଷାର ନାମ ଲେଖ ।

ଚ. ଭାରତରେ କଥିତ ଚାରୋଟି ଭାଷା ପରିବାରର ନାମ ଉଲ୍ଲେଖ କର ।

ଛ. କେଉଁ ସବୁ ମାନଦଣ୍ଡକୁ ଆଧାର କରି ଭାଷାର ଶ୍ରେଣୀବିଭାଗ କରାଯାଏ ଉଲ୍ଲେଖ କର ।

ଜ. କେଉଁ ସବୁ କ୍ଷେତ୍ରରେ ମାନକ ଭାଷାର ଉପଯୋଗିତା ରହିଛି ଉଲ୍ଲେଖ କର ।

ଝ. ଓଡ଼ିଶାର କଥିତ ବିଭିନ୍ନ ଉପଭାଷା ଅଞ୍ଚଳର ନାମ ଉଲ୍ଲେଖ କର ।

**ଗ- ବିଭାଗ**

୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର । **(୫×୮=୪୦)**

**୩.**

କ. ପାଶ୍ଚାତ୍ୟ ଭାଷାବିତମାନେ ପ୍ରଦାନ କରିଥିବା ଭାଷାର ସଂଜ୍ଞା ପ୍ରଦାନ କର।

ଖ. ଭାଷାର ଲକ୍ଷଣଗୁଡ଼ିକ ଉଲ୍ଲେଖ କର ।

ଗ. ଭାଷା ଉତ୍ପତ୍ତି ସମ୍ବନ୍ଧୀୟ ଦୁଇଟି ମତବାଦ ସଂକ୍ଷେପରେ ଉଲ୍ଲେଖ କର ।

ଘ. ବିବର୍ତ୍ତନ ସିଦ୍ଧାନ୍ତର ପ୍ରବକ୍ତା କିଏ ଓ କ'ଣ କହିଛନ୍ତି ?

ଙ. ଦ୍ରାବିଡ ଭାଷା ପରିବାରର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

ଚ.ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ବିଭିନ୍ନ ବୈଶିଷ୍ଟ୍ୟ ଆକଳନ କର ।

ଛ. ପ୍ରାମାଣିକ ଭାଷା ଓ ଉପଭାଷା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ |

ଜ. ଦକ୍ଷିଣାଞ୍ଚଳୀୟ କଥିତ ଓଡ଼ିଆ ବା ଉପଭାଷାର ପରିଚୟ ପ୍ରଦାନ କର ।

ଝ. ଆଧୁନିକ ଭାରତୀୟ ଆର୍ଯ୍ୟଭାଷାମାନଙ୍କର ପରିଚୟ ପ୍ରଦାନ କର ।

ଞ. ଭାଷାଗୁଡ଼ିକ କିପରି ବର୍ଗୀକରଣ କରାଯାଇଛି ଉଲ୍ଲେଖ କର ।

**ଘ-ବିଭାଗ**

୪ଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର । **(୮×୪=୩୨)**

୪. କ. ଭାରତୀୟ ଆର୍ଯ୍ୟଭାଷାର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

ଖ. ଭାଷାର ସଂଜ୍ଞା, ଲକ୍ଷଣ ଏବଂ ପ୍ରକୃତି ସଂପର୍କରେ ଆଲୋଚନା କର ।

ଗ. ଭାଷା ଉତ୍ପତ୍ତି ସମ୍ବନ୍ଧୀୟ ବିଭିନ୍ନ ମତବାଦଗୁଡିକର ସଂକ୍ଷିପ୍ତ ଆଲୋଚନା କର ।

ଘ. ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ଆଞ୍ଚଳିକ ଭାଷା ବା ଉପଭାଷା ମାନଙ୍କର ପରିଚୟ ପ୍ରଦାନ କର ।

ଙ. ପୃଥିବୀର ଭାଷା ପରିବାରମାନଙ୍କର ଏକ ବିବରଣୀ ପ୍ରଦାନ କର ।

******************